**ସଂକ୍ଷେପରେ**

## ରାମକୃଷ୍ଣ ବିଜୁ ପଟ୍ଟନାୟକ କଲେଜର ସଭାପତି



କୁନ୍ଦୁରା,୨୧ା୪(ଡି.ଏନ୍.ଏ.)- କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଥିବା ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଡିଗ୍ରୀ କଲେଜରେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ସଭାପତି ରୂପେ ରାମକୃଷ୍ଣ ସାବତଙ୍କୁ ମନୋନିତ କରାଯାଇଛି। ଏହାକୁ ନେଇ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନୁଷ୍ଠାନର ଅଧକ୍ଷ ହୃଦୟ ରଞ୍ଜନ ପଣ୍ଡା ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସଭାପତି ଛାତ୍ରୀଛାତ୍ରଙ୍କୁ ନିଜ ଶିକ୍ଷା ଅନୁଭୂତି ଜଣାଇବା ସହ ସମୟାନୁବର୍ତ୍ତି ହେବା ଏବଂ ଉତ୍ତମ ମଣିଷ ଭରାବ ନିଜକୁ ଗଢ଼ିତୋଳିବାକୁ ଉତ୍ସାହିତ କରିଥିଲେ। ରାମକୃଷ୍ଣ ଏଥିପୂର୍ବରୁ ଲାଛନାଗୁଡ଼ା ହାଇସ୍କୁଲରେ ଦୀର୍ଘଦିନ ଧରି ପ୍ରଧାନ ଶିକ୍ଷକ ଥିଲେ। ନିଜ କାର୍ଯ୍ୟକାଳ ମଧରେ ସେ ଓଷ୍ଟା ସଭାପତି ଦାୟିତ୍ୱ ମଧ ତୁଲାଇଛନ୍ତି। ପୂର୍ବରୁ ଜୟପୁର ଉପ ଜିଲାପାଳ ଅନୁଷ୍ଠାନ ଦାୟିତ୍ୱରେ ଥିଲେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ନୂତନ ସଭାପତିଙ୍କୁ ମନୋନିତ କରାଯାଇଛି। ଏହି ଅବସରରେ ଅନୁଷ୍ଠାନର ଅଜିତା ପଣ୍ଡା, ସୁଶାନ୍ତ କୁମାର ବେହେରା, ମାଧୁରି ସାହୁ, ରଶ୍ମିତା ପ୍ରଧାନ, ରବିଶଙ୍କର ସାହୁ ଏବଂ ସିମାଞ୍ଚଳ ଚୌଧୁରୀ ଉପସ୍ଥିତ ଥିଲେ।

## ହନୁମାନ ମନ୍ଦିର ପ୍ରତିଷ୍ଠା ଦିବସ

ଚିତ୍ରକୋଣ୍ଡା,୨୧ା୪(ଡି.ଏନ୍.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନିକଟସ୍ଥ ହନୁମାନ ମନ୍ଦିରର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବୁଧବାର ଅପରାହ୍ଣରେ ମନ୍ଦିର କମିଟି ପକ୍ଷରୁ ଦୁର୍ଗା ମନ୍ଦିର ନିକଟ ସିଲେରୁ ନଦୀ ତଟରୁ ଜଳ ଉଠାଇ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ମନ୍ଦିରରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ଗୁରୁବାର ମନ୍ଦିରରେ ନାମ ସଂକୀର୍ତ୍ତନ ସହ ପୂଜାର୍ଚ୍ଚନା, ହୋମ, ଯଜ୍ଞ ଏବଂ ସମସ୍ତ ଚିତ୍ରକୋଣ୍ଡା ବାସୀଙ୍କ ନିମନ୍ତେ ଅର୍ଣ୍ଣ ପ୍ରସାଦ କରାଯାଇଥିଲା।

## ଅବକାରୀ ଚଢ଼ାଉ, ୪ ଗିରଫ

ଧରାକୋଟ,୨୧ା୪(ଡି.ଏନ.ଏ.)-ଧରାକୋଟ ଥାନା ଅନ୍ତର୍ଗତ ଜଗମୋହନ ପଞ୍ଚାୟତ ଚମ୍ପାପଲ୍ଲୀ ଗ୍ରାମରେ ଅବକାରୀ ଚଢ଼ାଉ କରି ୫୦ ଲିଟର ମହୁଲି ମଦ ଜବତ କରିଥିବା ବେଳେ ବିଭିନ୍ନ ସ୍ଥାନରୁ ୧୪୦୦ଲିଟର ପୋଚ ନଷ୍ଟ କରିଛି। ଏଥିସହ ମଦରନ୍ଧା ଲାଗି ଥିବା ବିଭିନ୍ନ ସରଞ୍ଜାମ ଜବତ କରାଯାଉଛି। ବେଆଇନ ମଦ କାରବାର ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସନ୍ତୋଷ ନାଇକ, ରୋହିତ ନାଇକ, ବନମାଳୀ ଦଳବେହେରା ଏବଂ ମୋହିନୀ ନାଇକ। ଏ ସମ୍ପର୍କରେ ଧରାକୋଟ ଥାନାରେ ନଂ.୮୮ ଓ ୮୯/୨୨ରେ ଦୁଇଟି ମାମଲା ଅବକାରୀ ଆଇନ ପ୍ରକାରେ ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ବନମାଳୀଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ରହିଛି। ଧରାକୋଟ ଥାନା ଅଧିକାରୀ ଉମାକାନ୍ତ ସାହୁ, ଏସଆଇ ବାଲ୍ମୀକି ପ୍ରଧାନ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ୬.୯ କେଜି ବଜ୍ରକାପ୍ତା କାତି ଜବତ, ଜଣେ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)/ ଦିଗପହଣ୍ଡି, ୨୧ା୪ (ଡି.ଏନ୍.ଏ.) -କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗଞ୍ଜାମ ଜିଲା ଚିକିଟି ବାଳକୁମାରୀ ମନ୍ଦିର ନିକଟ ରମାଗୁଡା ଗ୍ରାମରେ ଚଢ଼ାଉ କରି ଜଣେ ବନ୍ୟପ୍ରାଣୀ ମାଫିଆଙ୍କୁ ଧରିଛି। ସେ ହେଲେ ଉକ୍ତ ଗ୍ରାମର ପ୍ରଫୁଲ ମଲ୍ଲିକ। ତାଙ୍କ ଘରୁ ୬ କେଜି ୯୦୦ ଗ୍ରାମର ବଜ୍ରକାପ୍ତା କାତି ଜବତ କରାଯାଇଛି। ଦିଗପହଣ୍ଡି ବନ ବିଭାଗ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଗୁରୁବାର ସନ୍ଧ୍ୟାରେ ପ୍ରଫୁଲ୍ଲଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ବୁଧବାର ରାତି ପ୍ରାୟ ୮ଟାରେ ଏସ୍‌ଟିଏଫ୍ ଟିମ୍‌ର ୫ ସଦସ୍ୟ ବ୍ୟବସାୟୀ ସାଜି ବଜ୍ରକାପ୍ତା କାତି କିଣିବା ପାଇଁ ରାମଗୁଡା ଗାଁରେ ପହଞ୍ଚିଥିଲେ। ପ୍ରଫୁଲ୍ଲ ତାଙ୍କ ଘରେ ମହଜୁଦ ରଖିଥିବା ବଜ୍ରକାପ୍ତା କାତିକୁ ବିକ୍ରି କରିବା ପାଇଁ ମୂଲଚାଲ କରିଥିଲେ। ଏହି ସମୟରେ ଏସ୍‌ଟିଏଫ୍ ଟିମ୍ ତାଙ୍କୁ କାବୁ କରିନେବା ସହ କାତି ଜବତ କରିଥିଲେ। ପରେ ସେମାନେ ଏନେଇ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ କୁମାର ନାୟକଙ୍କୁ ସୂଚନା ଦେଇଥିଲେ। ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଦିଗପହଣ୍ଡି ବନ ବିଭାଗ ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକ ସଦଳବଳେ ରାମଗୁଡ଼ା ଗାଁରେ ପହଞ୍ଚି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିଥିଲା।

# ଜୟପୁର-ମାଲକାନଗିରି ରେଳପଥ କାର୍ଯ୍ୟାରମ୍ଭ ନେଇ ଆଲୋଚନା ଆଜି

କୋରାପୁଟ,୨୧ା୪(ସ୍ୱ.ପ୍ର)

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କୋରାପୁଟ ସମେତ ମାଲକାନଗିରି ଜିଲା ଗସ୍ତରେ ଶୁକ୍ରବାର ଆସୁଛନ୍ତି। ଅପରାହ୍ଣ ୪ଟାରେ ମନ୍ତ୍ରୀ ବୈଷ୍ଣବ କୋରାପୁଟ-ବିଶାଖାପାଟଣା ଭାୟା ରାୟଗଡା ଟ୍ରେନକୁ ଫ୍ଲାଗଅପ କରିବେ ବୋଲି କୋରାପୁଟ ଷ୍ଟେଶନ ମ୍ୟାନେଜର ଏନକେ ଭିତରେ ସୂଚନା ଦେଇଛନ୍ତି। ଗତ ୨ ବର୍ଷ ହେଲା କୋଭିଡ ଯୋଗୁ ଏହି ଟ୍ରେନ ଚଳାଚଳ ବନ୍ଦ ରହିଥିଲା। ଶୁକ୍ରବାରଠାରୁ ଏହାର ଚଳାଚଳ ପୁନଃ ଆରମ୍ଭ ହେବ ବୋଲି ସେ ପ୍ରକାଶ କରିଛନ୍ତି। ମନ୍ତ୍ରୀ ଗୁରବାର ରାତି ୧୧ଟାରେ ବିମାନ ଯୋଗେ ଆସି ବିଶାଖାପାଟଣାରେ ପହଞ୍ଚିବା ପରେ ସେଠାରୁ ଟ୍ରେନ ଯୋଗେ ଶୁକ୍ରବାର ବଢ଼ି ଭୋରରୁ କୋରାପୁଟରେ ଆସି ପହଞ୍ଚିବେ। ଏଠାରେ କିଛି ସମୟ ରହିବା ସହ ଜୟପୁର-ମାଲକାନାଗରି ରେଳପଥ କାର୍ଯ୍ୟ ଆରମ୍ଭ ନେଇ ରେଲୱେ ଓ ଜିଲା ପ୍ରଶାସନ ଅଧିକାରୀଙ୍କ ସହ ଆଲୋଚନା କରିବେ। ପରେ ସେ ଏଠାରୁ କାର ଯୋଗେ ମାଲକାନାଗିରି ଯିବାର

**ଆସୁଛନ୍ତି ରେଳମନ୍ତ୍ରୀ**

କାର୍ଯ୍ୟକ୍ରମ ରହିଛି। ବିଶାଖାପାଟଣା ଡିଭିଜନ ଡେପୁଟି ରିଜିଓନାଲ ମ୍ୟାନେଜର କହିବା ଅନୁଯାୟୀ ଜୟପୁର-ମାଲକାନାଗିରି ରେଳପଥ କାର୍ଯ୍ୟ ଆସନ୍ତା ୪ରୁ ୫ ବର୍ଷ ମଧ୍ୟରେ ଶେଷ ହୋଇ ରେଳ ଚଳାଚଳ କରିବାକୁ ସ୍ଥିର ହୋଇଛି। ଏହି ରେଳଲାଇନ ପାଇଁ କିଭଳି ଜମି ଅଧିଗ୍ରହଣ ଖୁବ ଶୀଘ୍ର ହେବ ଏବଂ ମାଲକାନାଗିରି ଜିଲା ପ୍ରଶାସନ ଶୀଘ୍ର ଜମି ହସ୍ତାନ୍ତର କରିବେ ତାହାକୁ କେନ୍ଦ୍ରମନ୍ତ୍ରୀ ଅଧିକ ଗୁରୁତ୍ୱାରୋପ କରୁଛନ୍ତି। ଶୁକ୍ରବାର ମାଲକାନାଗିରିରେ ସକାଳ ସାଢେ ୯ଟାରେ ମୁଖ୍ୟ ପୋଷ୍ଟ ଅଫିସ କାର୍ଯ୍ୟାଳୟ କୋଠାଘର ଶୁଭାରମ୍ଭ କରିବେ। ୧୦ଟାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କରିବେ। ସାଢେ ୧୧ଟାରେ ଭାଜପା କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ପରେ ମଧ୍ୟାହ୍ନ ୧୨ଟାରେ ମନ୍ତ୍ରୀ ସଂସ୍କୃତି ଭବନଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବେ।

## ସ୍ୱାସ୍ଥ୍ୟମେଳାରେ ୮ଶହ ରୋଗୀଙ୍କୁ ମାଗଣା ଚିକିତ୍ସା



ରକ୍ତଦାନ ଶିବିରରେ ଅତିଥିଙ୍କ ଗହଣରେ ଜଣେ ରକ୍ତ ଦେଉଛନ୍ତି।

ଝରିଗାଁ, ୨୧ା୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚିତାବେଡା ପଞ୍ଚାୟତ ସଦରରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା ଏବଂ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଝରିଗାଁ ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ପ୍ରିୟରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝି, ଜିଲ୍ଲା ପରିଷଦ ସଭ୍ୟା ଯମୁନା ଗଣ୍ଡ ଚିତାବେଡା ସରପଞ୍ଚ ତୁଲାବତୀ ସାନ୍ତା ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶିଶୁ ବିଶେଷଜ୍ଞ ଡାକ୍ତର ସନ୍ତୋଷ ପଣ୍ଡା, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ସୁମନ୍ତ ରାହୁଲ, ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ସୁମିତ୍ରା ସାହୁ, ସୁନୀଲ ପଣ୍ଡା, ଚନ୍ଦନ ସାହୁ, ଲେଲିନ ଜେନା, ପ୍ରତିଭା ପାଳ, ଅଜିତ ଦାସ, ଆୟୁଷ ଡାକ୍ତର ସନ୍ତୋଷ ପ୍ରଧାନ, ଜିତେନ୍ଦ୍ର ନାୟକ, ପୂଜା ସିଂ,ଫାର୍ମାଶିଷ୍ଟ ପ୍ରଦୀପ୍ତ ମିଶ୍ର ପ୍ରମୁଖ ୮ ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ। ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଏକ ରକ୍ତଦାନ ଶିବିର କରାଯାଇଥିଲା। ଉକ୍ତ ଶିବିରରେ ମୋଟ ୨୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଝରିଗାଁ ଗୋଷ୍ଠୀ ଚିକିତ୍ସାଧିକାରୀ ପ୍ରକାଶ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମକୁ ପିଏଚ୍‌ଇଓ ଗୋପାଳ କୃଷ୍ଣ ପାଢ଼ୀ, ବିପିଏମ୍ ପ୍ରିୟଙ୍କା ସିଲ ପରିଚାଳନା କରିଥିଲେ। ସେହିପରି ଚନ୍ଦ୍ର ପଟ୍ଟନାୟକ, କେ.ଅନୁସା, ଗୀତ ସାହୁ, ରୋଜାଲିନ ଦାସ,ରୀନା ସ୍ୱାଇଁ, ହରେକୃଷ୍ଣ ମିଶ୍ର, ପ୍ରସାଦ ଛାଟୋଇ,ବିଭୁ ପ୍ରସାଦ ଉଲ୍ଲାକା, ପୂର୍ଣ୍ଣଚନ୍ଦ୍ର ପ୍ରହରାଜ, କିଶୋର ସାନ୍ତା, ରିଙ୍କୁ ପ୍ରଧାନ ପ୍ରମୁଖ ସ୍ୱାସ୍ଥ୍ୟ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଉନ୍ମେଷ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଦାମନଯୋଡି,୨୧ା୪(ଡି.ଏନ.ଏ.)

ଷୋଡଶ ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବ ପକ୍ଷରୁ ଚଳିତମାସ ୧୧ରୁ ୧୯ ତାରିଖ ପର୍ଯ୍ୟନ୍ତ ନାଲକୋ ଟାଉନସିପ ମୁକ୍ତବାୟୁ ରଙ୍ଗମଞ୍ଚରେ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ହୋଇଥିଲା। ଗୁରୁବାର ସ୍କୁଲ ପିଲାଙ୍କୁ ନେଇ 'ଉତ୍କଳୀୟ ନାଟ୍ୟ ମଞ୍ଚ ଏକାତ୍ମିୟ ଶିକ୍ଷା ଅଭିଯାନ'(ଉନ୍ମେଷ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍କଳର ଇତିହାସ, କଳା,ସ୍ଥାପତ୍ୟ,ସଂସ୍କୃତି, ମା, ମାଟି, ମମତା ଆଦିକୁ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ମାଧ୍ୟମରେ ପରିବେଷଣ କରିବା ଓ ଆଦର୍ଶ ସମାଜ ଓ ପରିବେଶ ଗଠନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏଥିରେ ସ୍ଥାନୀୟ ମାଥାଲପୁଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ମଞ୍ଚସ୍ଥ କରିଥିଲେ ନାଟକ'କନ୍ୟାରତ୍ନ'। ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ 'ଆମେ ତ ବିଜ୍ଞାନ ଯୁଗର ଝିଅ' ଏବଂ ନାଲକୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିର ପକ୍ଷରୁ 'ଆଦିଭୂମିର ଶହୀଦ' ଏବଂ ଦିଲ୍ଲୀ ପବ୍ଲିକ ସ୍କୁଲ ପକ୍ଷରୁ 'ପୁକାର', ନାଟକ ମଞ୍ଚସ୍ଥ ହୋଇଥିଲା। ଉଦଯାପନୀ ସନ୍ଧ୍ୟାରେ ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ ପାଢୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ନାଲକୋର ସମୂହ ମହାପ୍ରବନ୍ଧକ ଭୀମସେନ ପ୍ରଧାନ,ଅରୁଣ ଦାସ,ପ୍ରମୋଦ ପାତ୍ର, ବିକାଶ ପଣ୍ଡା,ନେତ୍ରାନନ୍ଦ ମହାରଣା, ବ୍ରଜ କିଶୋର ଦାଶ, ପ୍ରମୋଦ ବେହେରା, ନାଟ୍ୟକାର ଡ.ନରେନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିରୂପେ ଯୋଗ ଦେଇଥିଲେ। ମହୋତ୍ସବର ସଭାପତି ପ୍ରଭାତ ଦାସ,ସଂଯୋଜକ ଅଶୋକ କରଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ। ସୁଶାନ୍ତ କର ଧନ୍ୟବାଦ ଦେଇଥିଲେ।

## ଜବତ ଗାଡ଼ି ରିଲିଜ୍ ପାଇଁ ଖୋଲିଲା ସ୍ୱତନ୍ତ୍ର କୋର୍ଟ

ବ୍ରହ୍ମପୁର ଅଫିସ,୨୧ା୪

ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ମାମଲାରେ ଜବତ ହୋଇଥିବା ଗାଡ଼ିଗୁଡ଼ିକୁ ରିଲିଜ୍ ନିମନ୍ତେ ଏକ ସ୍ୱତନ୍ତ୍ର କୋର୍ଟ ଖୋଲିଛି। ଏହି ନିର୍ଦ୍ଦେଶନାମା ଅନୁସାରେ ଜିଲା ଜଜ୍ କୋର୍ଟ ପରିସରରେ ଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁସମ ଦାସଙ୍କୁ ସ୍ୱତନ୍ତ୍ର କୋର୍ଟ ଜଜ୍ ଭାବେ ଦାୟିତ୍ୱ ଦିଆଯାଇଥିବା ସୂଚନା ମିଳିଛି। ଚଳିତ ସପ୍ତାହରେ ଏହି କୋର୍ଟ କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି। ବିଭିନ୍ନ ସ୍ଥାନରେ ପୋଲିସ, ଜିଆରପି, ଅବକାରୀ, ଆର୍‌ପିଏଫ୍ ଗାଡ଼ିଗୁଡ଼ିକ ଜବତ କରିଥିବା ବେଳେ ଆଇନଜୀବୀମାନେ ଏସ୍‌ଡିଜେଏମ୍ କୋର୍ଟରେ ପିଟିଶନ ପକାଇ ଗାଡ଼ିକୁ ରିଲିଜ୍ କରୁଥିଲେ। କିନ୍ତୁ ଏହି କୋର୍ଟ ଖୋଲିବା ଦ୍ୱାରା ଜବତ ଗାଡ଼ିଗୁଡ଼ିକ ରିଲିଜ୍ ପାଇଁ ସୁବିଧା ହେବ ବୋଲି ଆଇନଜୀବୀମାନେ କହିଛନ୍ତି।

## ପାନୀୟ ଜଳ ସମସ୍ୟାରେ ପଞ୍ଚାୟତବାସୀ

ଜୟପୁର,୨୧ା୪ (ନି ପ୍ର )-

ଗ୍ରୀଷ୍ମର ତାତି ସହିତ ବଢୁଛି ଜଳ ସଙ୍କଟ। ଉତ୍କଟ ହେଉଛି ପାନୀୟ ଜଳ ସମସ୍ୟା। ପାଣି ଟାଙ୍କି ଅଛି ହେଲେ ପାଇପରେ ଅସୁନି ପାଣି। ନଳକୂପ ଅଚଳ ହୋଇଥିବା ବେଳେ କୂଅ ଶୁଖିଗଲାଣି। ସମସ୍ୟା ସମାଧାନ ନେଇ ପ୍ରଶାସନକୁ ଗୁହାରି କରି ବିଫଳ ହୋଇଛନ୍ତି କୋରାପୁଟ ଜିଲା ଜୟପୁର ବ୍ଲକ ଉମୁରି ପଞ୍ଚାୟତ ବାସିନ୍ଦା। ଉମୁରି ସହ ସୌରଗୁଡା, ମକାପୁଟ, ଏଫ୍‌ସିଆଇ କଲୋନୀରେ ମଧ ଜଳ ସଙ୍କଟ ଲାଗିରହିଛି। ପାନୀୟ ଜଳ ସଂଗ୍ରହ ପାଇଁ ଥିବା ନଳକୂପ ଅଚଳ ହୋଇ ପଡିରହିଛି। ତିନିମାସ ପୂର୍ବରୁ ଉମୁରିଠାରେ ୧ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣି ଟ୍ୟାଙ୍କ ନିର୍ମାଣ ସରିଥିଲେ ସୁଦ୍ଧା ଏଯାଏ କାର୍ଯ୍ୟକ୍ଷମ ହୋଇନି। ଏ ସମ୍ପର୍କରେ ଉପ ଜିଲାପାଳଙ୍କୁ ପଚାରିବାରୁ ଏ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।

## ୯ ପରିବାରର ଥଇଥାନ ନେଇ ପ୍ରଶାସନକୁ ସରପଞ୍ଚଙ୍କ ଦାବିପତ୍ର



ଉପ ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ସରପଞ୍ଚ।

ଜୟପୁର, ୨୧ା୪ (ନି.ପ୍ର.)

ତେଲିଗୁଡା ରାସ୍ତା କଡରେ ଥିବା ପରିବାରଙ୍କୁ ଥଇଥାନ କରିବାକୁ ଦାବି କରି ଉମୁରି ସରପଞ୍ଚ ସବିତା ନାୟକ ଉପ ଜିଲାପାଳ ଙ୍କ ଦ୍ୱାରସ୍ଥ ହୋଇ ଗୁରୁବାର ଦାବିପତ୍ର ପ୍ରଦାନ କରିଛନ୍ତି। ଜୟପୁର ଉପ ଜିଲାପାଳ ଦାୟିତ୍ୱ ରେ ଥିବା ପିଏ ଆଇଟିଡିଏ ଗୋପୀନାଥ ସାରକା ଦାବିପତ୍ର ଗ୍ରହଣ କରିଛନ୍ତି। ତେଲିଗୁଡା ରାସ୍ତା ପାର୍ଶ୍ୱରେ ୯ଟି ପରିବାର ଆଜିକୁ ଦୀର୍ଘ ୨୦ ବର୍ଷ ଧରି ବସବାସ କରି ଆସୁଥିଲେ। ରାଜ୍ୟ ସରକାର ସେଠାରେ ପାର୍କ କରିବା ଲାଗି ନିଷ୍ପତ୍ତି ନେବା ପରେ ଏହି ପରିବାରକୁ ଉଚ୍ଛେଦ କରାଯାଇଛି। ସେମାନେ ଏବେ ରାସ୍ତା ପାର୍ଶ୍ୱରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କାଳତିପାତ କରୁଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟରେ ମଧ ଏହି ପରିବାର ବର୍ଗ ଦୁଃଖ ଜଣାଇଛନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ତୁରନ୍ତ ଥଇଥାନ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି।

## କୋଲାବ ଜଳଭଣ୍ଡାରରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

କୋରାପୁଟ,୨୧ା୪(ସ୍ୱ.ପ୍ର)

କୋରାପୁଟ ସହରରୁ ଗତ ୧୯ ତାରିଖରୁ ନିଖୋଜ ଥିବା ଯୁବକ ସମୀର କୁମାର ପାଢୀ(୩୨)ଙ୍କ ମୃତଦେହ ଗୁରୁବାର ଅପରାହ୍ଣରେ ସୁକୁ ବ୍ରିଜ ନିକଟସ୍ଥ କୋଲାବ ଜଳଭଣ୍ଡାରୁ ଉଦ୍ଧାର କରାଯାଇଛି। ଟାଉନ ଥାନା ପକ୍ଷରୁ ମିଳିଥିବା ସୁଚନା ଅନୁଯାୟୀ କୋରାପୁଟ ପୁଜାରିପୁଟ ଅଞ୍ଚଳରେ ରହୁଥିବା ସମୀର ହାଇଦ୍ରାବାଦରେ ଚାକିରି କରନ୍ତି। ୧୮ରେ ସେ କୋରାପୁଟକୁ ଆସିଥିଲେ। ସେ କୌଣସି କାରଣରୁ ବହୁତ ଟଙ୍କା ଧାର ସୂତ୍ରରେ ବିଭିନ୍ନ ବ୍ୟକ୍ତିଙ୍କଠାରୁ ନେଇ ମାନସିକ ଚାପରେ ଥିଲେ। ଗତ ୧୯ରେ ସହରର ଏକ ସ୍ଥାନକୁ ଯିବାକୁ କହି ତାଙ୍କ ସାଙ୍ଗଠାରୁ ଏକ ସ୍କୁଟି ଆଣି ଯାଇଥିଲେ। ରାତି ସୁଦ୍ଧା ସମୀର ଆଉ ଘରକୁ ଫେରି ନ ଥିଲେ। ଏନେଇ ତାଙ୍କ ଭାଇ ଶିବ ପାଢୀ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏକ ନିଖୋଜ ମାମଲା ରୁଜୁ କରାଯାଇ ବିଭିନ୍ନ ସ୍ଥାନରେ ତଦନ୍ତ ଜାରି ରହିଥିଲା। ବୁଧବାର କୋରାପୁଟର ରେଲୱେ ସୁକୁ ବ୍ରିଜଠାରେ ସମୀର ନେଇଥିବା ଏକ ସ୍କୁଟି ପଡିଥିବା ନେଇ ଖବର ପାଇ ପୋଲିସ ସେଠାରେ ପହଞ୍ଚି ସ୍କୁଟିକୁ ଜବତ କରିଥିଲା। ଗୁରବାର ଅପରାହ୍ଣରେ ସୁକୁ ବ୍ରିଜ ନିକଟରେ ଥିବା କୋଲାବ ଜଳଭଣ୍ଡାରରେ ଏକ ମୃତଦେହ ଭାସିଥିବା ଖବର ପାଇ ପୋଲିସ ଓ କୋରାପୁଟ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କୋରାପୁଟ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ଶୁକ୍ରବାର ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି। ସମୀରଙ୍କ ସ୍ତ୍ରୀ ଏବଂ ଗୋଟିଏ ଝିଅ ଅଛନ୍ତି।

## ନାବାଳିକା ଅପହରଣ ମାମଲା: ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୨୧ା୪ (ନି.ପ୍ର.)

ଜଣେ ନାବାଳିକାଙ୍କୁ ଅପହରଣ କରିବା ମାମଲାର ବିଚାର କରି ଜୟପୁର ଫାଷ୍ଟ ଟ୍ରାକ ସ୍ପେଶାଲ କୋର୍ଟର ଆଡହକ ଅତିରିକ୍ତ ଦୌରାଜଜ୍ ପ୍ରଦୀପ କୁମାର ସାସମଲ ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦାୟ ହେଲେ ଅଧିକ ୧୫ ମାସ ସଶ୍ରମ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଶୁଣାଣି କରିଛନ୍ତି। ମାମଲାର ବିବରଣୀରୁ ଜଣାପଡିଛି, ୨୦୧୬ ଜାନୁଆରି ୨ରେ ନାବାଳିକାଙ୍କୁ ସୁନାବେଡା ଥାନା ଅନ୍ତର୍ଗତ ସାନବଡିଙ୍ଗା ଗ୍ରାମ କେଶବ ନାୟକ ଅପହରଣ କରି ନେଇଥିଲେ। ପରିବାର ଲୋକେ ଅନେକ ସ୍ଥାନରେ ଖୋଜାଖୋଜି କରି ନ ପାଇ ପାତୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏହି ସମୟରେ ଅଭିଯୁକ୍ତ କେଶବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେବେଠାରୁ ଏହି ମାମଲା ଫାଷ୍ଟ ଟ୍ରାକ ସ୍ପେଶାଲ କୋର୍ଟଙ୍କ ଅଧୀନରେ ବିଚାରାଧୀନ ଥିଲା। ମାମଲାକୁ ସରକାରୀ ଓକିଲ ବି. ଗାୟତ୍ରୀ ଦେବୀ ପରିଚାଳନା କରୁଥିଲେ।

### ଅଲ୍ ଓଡ଼ିଶା ଜୁନିୟର, ସବ୍ ଜୁନିୟର ର୍‌ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

## ସ୍ପୋର୍ଟସ ଏରେନାରୁ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

ବ୍ରହ୍ମପୁର ଅଫିସ,୨୧ା୪

ରାଜ୍ୟସ୍ତରୀୟ ଅଲ ଓଡ଼ିଶା ଜୁନିୟର ଓ ସବ ଜୁନିୟର ର୍‌ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଭୁବନେଶ୍ୱର ପଟିଆଠାରେ ଉଡାନ ବ୍ୟାଡ୍‌ମିଣ୍ଟନ ଏକାଡ଼େମୀ ପକ୍ଷରୁ ଆସନ୍ତା ୨୨ ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗୀତା ନିମନ୍ତେ ଗୁରୁବାର ଗଞ୍ଜାମରୁ ୯ ଜଣ ପ୍ରତିଯୋଗୀ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରୁଥିବା ପ୍ରତିଯୋଗୀମାନେ ନିୟମିତ ଭାବେ ଗେଟବଜାର ସ୍ଥିତ ସ୍ପୋର୍ଟସ ଏରେନାଠାରେ କୋଚ ଶୁଭମ ପ୍ରଧାନଙ୍କଠାରୁ ପ୍ରଶିକ୍ଷଣ ନେଉଥିଲେ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ

ମାଲକାନଗିରି, ୨୧ା୪ (ଡି.ଏନ୍.ଏ.)

ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ୧୧୩ ତମ ଜୟନ୍ତୀ ମାଲକାନଗିରିରେ ଗୁରୁବାର ପାଳିତ ହୋଇଯାଇଛି। ସରକାରୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ହୋଇଥିବା ଏହି ଜିଲାସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ସମ୍ମାନିତ ଅତିଥି, ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଚନ୍ଦନ ମିଶ୍ର, ଅନ୍ୟତମ ଅତିଥି ରୂପେ ଅଧ୍ୟାପକ ରଞ୍ଜନ ସ୍ୱାଇଁ, ଖବରଦାତା ଦୁର୍ଯ୍ୟୋଧନ ପାତ୍ର, ରତ୍ନାକର ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଡ. ସଦାଶିବ ତ୍ରିପାଠୀଙ୍କ ଫଟୋଚିତ୍ର ସମ୍ମୁଖରେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟ ଅତିଥି ପ୍ରଧାନ ଡ. ସଦାଶିବ ତ୍ରିପାଠୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିମାନେ ମଧ ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ 'ବିଭିନ୍ନ ବରପୁତ୍ରଙ୍କ ସ୍ୱାଧୀନତା ଆନ୍ଦୋଳନରେ ଭୂମିକା' ଶୀର୍ଷକ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସାମାଜିକ ଓ ସାଂସ୍କୃତିକ ସଂଯୋଜକ ଏମ୍. ତେଜେଶ୍ୱର ରାଓ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଚଇତି: ଡଙ୍ଗରରେ ପ୍ରକୃତି ମା'ଙ୍କ ପୂଜାର୍ଚ୍ଚନା

ସେମିଳିଗୁଡ଼ା/ସୁନାବେଡ଼ା,୨୧ା୪ (ସ୍ୱ.ପ୍ର.)

ସ୍ଥାନୀୟ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଥିବା ମାଳିପର୍ବତ ପାକୁଲିପାର ଗୁମ୍ଫାରେ ଚଇତି ପରବ ଡଙ୍ଗରଯାତ୍ରା ପାଳିତ ହୋଇଛି। ସେମିଳିଗୁଡ଼ା ବ୍ଲକ ଅଧୀନ ପାକଖୋଲା, ଦଳେଇଗୁଡ଼ା, ସୋରିଷ ପଦର ଓ ଖୁଡ଼ି ଚାରୋଟି ପଞ୍ଚାୟତର ୧୮ ଖଣ୍ଡ ଗାଁର ଆଦିବାସୀ ଏକାଠି ହୋଇ ପ୍ରକୃତି ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଏଥିରେ କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀଙ୍କ ସହ ନିୟମଗିରିରେ ରହୁଥିବା ଆଦିବାସୀ ଯୋଗଦେଇଥିଲେ। ଏହିଅବସରରେ ଯାତ୍ରାକୁ ଆସିଥିବା ନାଟିକା ଲିଙ୍ଗା ସରକାର ଏଠାରେ ଇକୋ ଟୁରିଜମ୍ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛନ୍ତି। ସ୍ଥାନୀୟ ବିଧାୟକ ଓ ଏମ୍‌ପି ମାଳି ପର୍ବତକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ଜୋନ୍-୨ର ଜିଲା ପରିଷଦ ସଭ୍ୟ ମୋହନ ଜାନି ଦାବି କରିଛନ୍ତି।



ଡଙ୍ଗରରେ ପ୍ରକୃତି ମା'ଙ୍କ ପୂଜାର୍ଚ୍ଚନା ଅବସରରେ ଅଞ୍ଚଳବାସୀ।

ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ବୋରା କେଭ୍ ଭଳି ଏଠାରେ ମଧ ଏକ ସୁଉଚ୍ଚ ଓ ସୁନ୍ଦର ଗୁମ୍ଫା ରହିଛି। ଏହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ। ସରକାର ଯଦି ମାଳି ପର୍ବତକୁ ଖୋଲିବା କଥା ଚିନ୍ତା କରନ୍ତି ତେବେ ଏହାକୁ ସୁରକ୍ଷା ଦେବୁ। ସାମାଜିକ କର୍ମୀ ନନ୍ଦିବାଲି ଚୈତନ୍ୟ ଏ ସମ୍ପର୍କରେ କହନ୍ତି, ୨ଶହ ବର୍ଷ ଧରି ଆମ ଅଞ୍ଚଳରେ ପ୍ରକୃତି ମା'ଙ୍କ ପୂଜାର୍ଚ୍ଚନା ହୋଇ ଆସୁଛି। ଏହି ଗୁମ୍ଫାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଲେ ଅଞ୍ଚଳର ବିକାଶ ହେବା ସହ ସରକାରଙ୍କ ରାଜସ୍ୱ ଆୟ ହୋଇପାରିବ ବୋଲି

- ମାଳି ପର୍ବତକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦାବି
- ୨ଶହ ବର୍ଷ ଧରି ମା'ଙ୍କ ପୂଜାର୍ଚ୍ଚନା ହୋଇ ଆସୁଛି
- ପାହାଡ଼ ଉପରେ ଯାତ୍ରା ତଳେ ପୋଲିସ ଛାଉଣୀ

ସେ କହିଥିଲେ। ଅନ୍ୟପକ୍ଷରେ ପାହାଡ଼ ଉପରେ ଯାତ୍ରା ଚାଲିଥିବା ବେଳେ ପାହାଡ଼ ତଳେ ପୋଲିସ ଛାଉଣୀ ହୋଇଥିଲା। ଜିଲା ପୋଲିସ ପକ୍ଷରୁ ସୁରକ୍ଷାକୁ ଦୃଷ୍ଟିରେ ରଖି ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବା ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉତ୍କଳ କେଶରୀ ଦାସ, ସୁନାବେଡ଼ା ଥାନା ଅଧିକାରୀ ସମ୍ପିତ ବେହେରା, ସେମିଳିଗୁଡ଼ା ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ଓ ଦାମନଯୋଡ଼ି ଥାନା ଅଧିକାରୀ ଗୌରହରି ସାହୁ ପ୍ରମୁଖ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ।

